# ବିପିୟୁଟି କଲେଜଗୁଡ଼ିକ ଏନ୍‌ବିଏ ଅନୁମୋଦନ ବାଧ୍ୟତାମୂଳକ

ଭୁବନେଶ୍ୱର, ୧୬।୭(ବ୍ୟୁରୋ): କଲେଜ ଖୋଲି ଦେଇ ମନ ମୁତାବକ ପରିଚାଳନା କରିବାକୁ ବରଦାସ୍ତ କରାଯିବ ନାହିଁ। ବିପିୟୁଟି ଅଧୀନସ୍ଥ ପ୍ରତ୍ୟେକ କଲେଜ ଏନ୍‌ବିଏ (ନ୍ୟାସନାଲ୍ ବୋର୍ଡ ଆକ୍ରିଡେସନ୍) ଅନୁମୋଦନ ଗ୍ରହଣ କରିବାକୁ ବାଧ ବୋଲି କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ କହିଛନ୍ତି।

ଶୁକ୍ରବାର ବିପିୟୁଟି ତରଫରୁ ଏନ୍‌ବିଏ ଅନୁମୋଦନ ସମ୍ପର୍କିତ କର୍ମଶାଳା ସ୍ଥାନୀୟ ସି.ଭି. ରମଣ ଇଞ୍ଜିନିୟରିଂ କଲେଜରେ ହେବ। ଏ ବାବଦରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରଫେସର ପଟ୍ଟନାୟକ କହିଲେ, ଏନ୍‌ବିଏ ଅନୁମୋଦନ ମିଳିବା ଦ୍ୱାରା ଶିକ୍ଷାନୁଷ୍ଠାନଟିଏ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ପାଇଥାଏ। ଏନ୍‌ବିଏ ଅନୁମୋଦନ ଥିବା ଅନୁଷ୍ଠାନରୁ ପାସ୍ କରିଥିବା ଛାତ୍ରଟିଏ କେବଳ ଦେଶ ନୁହଁ, ଅନ୍ତର୍ଜାତୀୟ କମ୍ପାନୀଗୁଡ଼ିକରେ ନିଯୁକ୍ତି ପାଇବାର ଅଧିକ ସୁଯୋଗ ରହିଛି। ସେହିପରି ଏନ୍‌ବିଏ ଅନୁମୋଦନ ସହ ୱାସିଂଟନ୍ ଆକର୍ଡ ଥିବାରୁ ବିପିୟୁଟି ଛାତ୍ରମାନେ ଏହାର ଲାଭ ନେଇପାରିବେ। ଫଳରେ ବିପିୟୁଟିରେ ଜଣେ ଛାତ୍ର ୩ବର୍ଷ ପଢ଼ିବା ପରେ ଶେଷ ବର୍ଷ ଆମେରିକାର କଲେଜରେ ପଢ଼ିପାରିବ। ଆସନ୍ତା କାଲି ହେବାକୁ ଥିବା ଏହି ଏନ୍‌ବିଏ ସମ୍ପର୍କିତ କର୍ମଶାଳାରେ

- **ସମ୍ପୂର୍ଣ୍ଣ ଡିଜିଟାଲ୍ ହେବ ବିପିୟୁଟି**
- **କଲେଜଗୁଡ଼ିକର ର୍‍ୟାଙ୍କିଙ୍ଗ୍ ତାଲିକା ହେବ**

ରାଜ୍ୟପାଳ ଡ. ଏସ୍‌ସି ଜମିର ମୁଖ୍ୟଅତିଥି ଭାବେ ଯୋଗଦେବେ।

ସମ୍ମାନିତ ଅତିଥି ଭାବେ ଏନ୍‌ବିଏର ସଦସ୍ୟ ସଚିବ ଡ. ଏନ.କେ. ନାୟା, ଗୁଜୁରାଟ ଗାନ୍ଧିନଗରସ୍ଥିତ ଡିଏଆଇଆଇସିଟିର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଏସ.ସି ସହସ୍ରବୁଦ୍ଧେ, ନାଗପୁରସ୍ଥିତ ଏମଜିଆଇର ମହାନିର୍ଦ୍ଦେଶକ ଡ. ଅଭିଚଳ କାପୁର, ଜୟପୁରସ୍ଥିତ ଏମଏନଆଇଟିର ନିର୍ଦ୍ଦେଶକ ଆଇ.କେ. ଭଟ୍ଟ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ କୁଳପତି କହିଲେ ଯେ ନିକଟରେ ବିପିୟୁଟି ତରଫରୁ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ୨ଶହ ଅଧ୍ୟାପକଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ସେହିପରି ୫ଶହ ଅଧ୍ୟାପକଙ୍କୁ ସାଇ ଲାବ୍‌ରେ ଆଇସିଟି ଟୁଲସ୍ ପ୍ରଶିକ୍ଷଣ ଦିଆଯାଇଛି। ବିପିୟୁଟିରେ ଇ-ଏକଜାମିନେସନ୍ କରିବା ସହ ଅନଲାଇନ୍ ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏହି ବିଶ୍ୱବିଦ୍ୟାଳୟକୁ ସମ୍ପୂର୍ଣ୍ଣ ଡିଜିଟାଲ୍ କରାଯିବ। ବିପୟୁଟି ଅଧୀନରେ ଥିବା କଲେଜଗୁଡିକର ଯଥାଶୀଘ୍ର ର୍‍ୟାଙ୍କିଙ୍ଗ୍ କରାଯିବ। ଫଳରେ ଛାତ୍ରଛାତ୍ରୀମାନଙ୍କୁ ନାମ ଲେଖିବା ସମୟରେ କଲେଜ ପସନ୍ଦ କରିବାକୁ ସୁବିଧା ହେବ। ଏନ୍‌ବିଏ ଓ ନାକ୍ ଆଦି ସଂସ୍ଥାର ଅନୁମୋଦନକୁ ଭିତ୍ତି କରି ଏହି ର୍‍ୟାଙ୍କିଙ୍ଗ୍ କରାଯିବ ବୋଲି କୁଳପତି ସୂଚନା ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ କୁଳସଚିବ ପ୍ରଫେସର ଏମ୍. ଅଲତାଫ୍ ଖାନ୍, ସି.ଭି.ରମଣ ଚେୟାରମ୍ୟାନ୍ ସଞ୍ଜୟ କୁମାର ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ।